# ରନ୍ଧନ ଗ୍ୟାସ୍ ଅଭାବ; ଟଙ୍କା ଦେଲେ ବି ମିଳୁନି



**ଧାମନଗର,୧୨।୩(ସମିସ):** ଧାମନଗରରେ ରନ୍ଧନ ଗ୍ୟାସ୍‌ର ଘୋର୍ ଅଭାବ ଦେଖାଦେଇଛି। ଟଙ୍କା ଦେଲେ ବି ମିଳୁନି। କଳାବଜାରୀଙ୍କ ଉପରେ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଦାବି। ଯୁଦ୍ଧର ପ୍ରଭାବ ଏବେ ଅଶୋଧିତ ତୈଳ ବଜାରକୁ କବଳିତ କରିଛି। ପେଟ୍ରୋଲ ଏବଂ ଡିଜେଲର ଦାମ୍ ବଢ଼ି ନ ଥିଲେ ମଧ୍ୟ ଅନେକ ଟାଙ୍କିରେ ତେଲର ଅଭାବ ଦେଖାଦେଲାଣି। ଯାହାକି ଧାମନଗର ଅଞ୍ଚଳରେ ଥିବା ନିର୍ଦ୍ଦିଷ୍ଟ ଟାଙ୍କି କିଛି ଘଣ୍ଟା ଲେଖାଏଁ ତେଲ ନାହିଁ ବୋଲି କହି ବନ୍ଦ କରିଦେଉଛନ୍ତି। କିନ୍ତୁ ରନ୍ଧନ ଗ୍ୟାସ୍ ଟାଙ୍କି ଉପଭୋକ୍ତାଙ୍କୁ ଆଉ ମିଳୁନି। ବିଶେଷ କରି ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ରନ୍ଧନ ଗ୍ୟାସ୍‌ର ଘୋର୍ ଅଭାବ ପରିଲକ୍ଷିତ ହୋଇଛି।

ଉକ୍ତ ଅଞ୍ଚଳରେ ପ୍ରାୟ ହଜାର ହଜାର ଉପଭୋକ୍ତାଙ୍କୁ ଗ୍ୟାସ୍ ଯୋଗାଇବା ନିମନ୍ତେ ବିଭିନ୍ନ ଡିଷ୍ଟ୍ରିବ୍ୟୁଟର ନିଯୁକ୍ତ ହୋଇଛନ୍ତି। ବିଭିନ୍ନ କମ୍ପାନୀ ଡିଷ୍ଟ୍ରିବ୍ୟୁଟରଙ୍କ ନିକଟରେ ପ୍ରତ୍ୟେକ ଦିନ ଗ୍ୟାସ୍ ଟାଙ୍କିର ଗାଡ଼ି ଆସିଥାଏ। ଘରକୁ ଘର ବୁଲି ଗ୍ୟାସ୍ ଯୋଗାଉଥିବା ଗାଡ଼ିଗୁଡ଼ିକ ଆଉ ବୁଲୁ ନ ଥିବାବେଳେ ଯୋଗାଣ ଦାୟିତ୍ୱ ବହନ କରୁଥିବା ଏଜେଣ୍ଟମାନେ ମଧ୍ୟ ଫୋନ୍ ଉଠାଉନାହାନ୍ତି। ପୂର୍ବରୁ ବୁକିଂ କରିଥିବା ଉପଭୋକ୍ତାଙ୍କୁ ଗ୍ୟାସ୍ ଯୋଗାଇ ଦିଆଯାଇଥିଲେ ମଧ୍ୟ ଗୋଦାମରେ ଏବେ ଟାଙ୍କିର ଘୋର୍ ଅଭାବ କାରଣରୁ ଆଉ ବୁକିଂ ନିଆଯାଉ ନ ଥିବା ଉପଭୋକ୍ତାଙ୍କଠାରୁ ସୂଚନା ମିଳିଛି। ତେବେ ଗ୍ୟାସ୍ ଗୋଦାମ ଏବଂ ଡିଷ୍ଟ୍ରିବ୍ୟୁଟର ସମ୍ମୁଖରେ ଲୋକେ ଲାଇନ୍ ଲଗାଇଥିବା ବେଳେ ଦରବୃଦ୍ଧିକୁ ନେଇ ଗୁରୁବାର ହୋହଲ୍ଲା ସହିତ ପରିସ୍ଥିତି ଅଣାୟତ ହେବାରେ ଲାଗିଛି। ମୁନାଫାଖୋର୍‌ମାନଙ୍କ ଦ୍ୱାରା ଦୁଇ ହଜାରରୁ ଅଧିକ ଟଙ୍କା କଳାବଜାରୀ ହେଉଥିବାରୁ ଉପଭୋକ୍ତାମାନେ ରୋଷେଇ ଚିନ୍ତାରେ। ଧାମନଗର ଅଞ୍ଚଳରେ ଉପଭୋକ୍ତା ତାଲିକାରେ ୩୦% ବାଣିଜ୍ୟିକ ଅନୁଷ୍ଠାନ ରହିଥିବାବେଳେ ପ୍ରାୟ ୭୦% ଉପଭୋକ୍ତା ଘରୋଇ ଗ୍ୟାସ୍ ବ୍ୟବହାର କରିଥା'ନ୍ତି। ସରକାର ବାଣିଜ୍ୟିକ ଅନୁଷ୍ଠାନକୁ ସାମୟିକ ଗ୍ୟାସ୍ ଯୋଗାଣ ବନ୍ଦ କରି ଘରୋଇ ଉପଭୋକ୍ତାଙ୍କୁ ଆବଶ୍ୟକ ମୁତାବକ ଗ୍ୟାସ୍ ଟାଙ୍କି ଯୋଗାଇ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ହଠାତ୍ ଗ୍ୟାସ୍ ନ ମିଳିବା ଏବଂ ଆକାଶଛୁଆଁ ଦରବୃଦ୍ଧି ପଛରେ କଳାବଜାରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପରିସ୍ଥିତିରେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିବା ଉପଭୋକ୍ତାଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରିଦେଇଛି। କେଉଁ କେଉଁ ଡିଷ୍ଟ୍ରିବ୍ୟୁଟର କେତେ ଗ୍ୟାସ୍ ଆଣିଥିଲେ ଏବଂ କେତେ ଉପଭୋକ୍ତାଙ୍କୁ ପ୍ରଦାନ କରିଛନ୍ତି, ତାହାର ନିୟମିତ ଯାଞ୍ଚ କରିବାର ଦାୟିତ୍ୱ ଯୋଗାଣ ବିଭାଗର ହୋଇଥିବାବେଳେ ଯୋଗାଣ ବିଭାଗ ପଦାକୁ ଗୋଡ଼ କାଢ଼ିବାକୁ ନାରାଜ୍। ଘରୋଇ ଟାଙ୍କିକୁ ବାଣିଜ୍ୟିକ ଅନୁଷ୍ଠାନରେ ଲଗାଯାଉଥିବାର ଅଭିଯୋଗକୁ ଯୋଗାଣ ବିଭାଗ ତଦନ୍ତ କରିବା ବଦଳରେ ଅଫିସର ଶୀତତାପ ନିୟନ୍ତ୍ରିତ କୋଠରିରେ ଦିନ କାଟିବା ଉପଭୋକ୍ତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୋଖରୀରେ ବିଷ ପକାଇ ମାଛ ମାରିଦେଲେ



**ବନ୍ତ/ଆଗରପଡ଼ା,୧୨।୩(ସମିସ):** ଆଗରପଡ଼ା ଥାନା ଅନ୍ତର୍ଗତ କାଦବରାଙ୍ଗସ୍ଥିତ ଭଗାରାମ ଶିବମନ୍ଦିର ପାଖ ପୋଖରୀରେ କେହି ବିଷ ପକାଇ ମାଛଗୁଡ଼ିକୁ ମାରି ଦେଇଥିବାର ଥାନାରେ ଅଭିଯୋଗ ହୋଇଛି। ସକାଳୁ ମାଛଗୁଡ଼ିକ ମରି ପୋଖରୀରେ ଭାସୁଥିବାର ଗ୍ରାମବାସୀମାନେ ଦେଖିଥିଲେ। ସୂଚନା ଅନୁଯାୟୀ, ବୁଧବାର ସେହି ଗ୍ରାମର ଜନୈକ ଯୁବକ ଜାଲ ପକାଇ ପୋଖରୀରୁ ମାଛ ଧରୁଥିଲେ। ଏହାକୁ ଗ୍ରାମବାସୀମାନେ ବିରୋଧ କରିଥିଲେ। ମାଛ ଧରିବା ବନ୍ଦ କରି ଦେଇ ସେଇ ଯୁବକ ପୋଖରୀରେ ବିଷ ପକାଇ ମାଛ ମାରି ଦେବ ବୋଲି ଧମକ ଦେଇଥିବାର ଅଭିଯୋଗ ହୋଇଛି। ତେଣୁ ଏହି ଯୁବକ ବିଷ ପକାଇ ମାଛ ମାରିଥିବାର ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି।

## ପ୍ରେମୀ ଯୁଗଳଙ୍କ ବିବାହ କଲା ତିହିଡ଼ି ପୁଲିସ



**ଦୋଳସାହି,୧୨।୩(ସମିସ):** ତିହିଡ଼ି ଥାନା ଅଧୀନରେ ଦୁଇ ପ୍ରେମୀ ଯୁଗଳ ତାଙ୍କ ପରିବାର ପକ୍ଷରୁ ବିରୋଧ ହେବାରୁ ଫେରାର୍ ହୋଇଯାଇଥିଲେ। କନ୍ୟାର ପରିବାର ପକ୍ଷରୁ ତିହିଡ଼ି ଥାନାରେ ଅଭିଯୋଗ ହୋଇଥିଲା। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ତିହିଡ଼ି ପୁଲିସ ପକ୍ଷରୁ ଉଭୟଙ୍କୁ ଠାବ କରି ବୁଧବାର ଥାନାରେ ଅଟକ ରଖାଯାଇଥିଲା। ଗୁରୁବାର ଉଭୟଙ୍କୁ ଭାଟପଚା ପଞ୍ଚାୟତର ମା' ମଙ୍ଗଳା ମନ୍ଦିରରେ ତିହିଡ଼ି ଥାନା ଅଧିକାରୀ ଶ୍ରୀ ଗ୍ରହାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଉଭୟଙ୍କର ବିବାହ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତିହିଡ଼ି କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ସମାଜସେବୀ ଜୟପ୍ରକାଶ ବେହେରା ଓ ରମେଶ କର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିବାହ ବନ୍ଧନରେ ବାନ୍ଧି ହୋଇଥିବା ଯୁବକ ଜଣକ ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତର ସ୍ୱର୍ଗତ ଧର୍ମପଦ ମହାରଣାଙ୍କ ପୁତ୍ର ଅନ୍ତର୍ଯ୍ୟାମୀ ମହାରଣା(୨୩) ହୋଇଥିବାବେଳେ କନ୍ୟା ଜଣକ ସସ୍ମିତା ନାୟକ (୧୯)ଙ୍କ ଘର ପାଳିଆବିନ୍ଧା ପଞ୍ଚାୟତରେ ବୋଲି ଜଣାଯାଇଛି।

## ଶିକ୍ଷାବିତ୍ ଚନ୍ଦ୍ରମଣୀ ଆଇଚଙ୍କୁ ଶ୍ରଦ୍ଧାଞ୍ଜଳି



**ବନ୍ତ/ଆଗରପଡ଼ା,୧୨।୩(ସମିସ):** ଆଗରପଡ଼ା ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ସ୍ୱର୍ଗତ ଚନ୍ଦ୍ରମଣୀ ଆଇଚଙ୍କ ବାସଭବନରେ ଆୟୋଜିତ ସ୍ମୃତିସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ୍ ଯୁବ ସଭାପତି ସତ୍ୟସାଧନ ବେଜ, ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ, ଗୋବିନ୍ଦ ଶତପଥୀ, ଆଗରପଡ଼ା କଲେଜ ଅଧ୍ୟକ୍ଷ ନାରାୟଣ ପାତ୍ର, ଅଧ୍ୟାପକ ଡ. ହରିହର ଦାସ ପ୍ରମୁଖ ଯୋଗଦେଇଥିଲେ। ତାଙ୍କ ପୁଅ ଅଧ୍ୟାପକ ମନୋଜ, ମାନବାଧିକାର କମିଶନ ମିଡିଆ ସେଲ ରାଜ୍ୟ ସମ୍ପାଦକ ନିରୋଜ, ପୁତ୍ରବଧୂ ଶିକ୍ଷାବିତ୍ ରୀତାରାଣୀ ପରିଡ଼ା ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ୪୫ ୟୁନିଟ୍ ରକ୍ତ ସଂଗ୍ରହ

**ଭଦ୍ରକ,୧୨।୩(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଘଣ୍ଟେଶ୍ୱର ପାଣିଗ୍ରାହୀ ମେଡିକାଲ ଷ୍ଟୋର୍ ପକ୍ଷରୁ ଘଣ୍ଟେଶ୍ୱର କେଶରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ଘଣ୍ଟେଶ୍ୱର ଫାଣ୍ଡି ଅଧିକାରୀ ବିରଞ୍ଚି କୁମାର ଅମାନ୍ତ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ସୂଚନା ମିଳିଛି। ଭଦ୍ରକ ବ୍ଲଡ୍ ବ୍ୟାଙ୍କ କାଉନ୍‌ସିଲର ରତିକାନ୍ତ ବଳ, ରବିନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

## ୧୧ ଗୋରୁ ଉଦ୍ଧାର

**ଭଦ୍ରକ,୧୨।୩(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ବାଣ୍ଡଡ଼ା ପୁଲିସ ରାତି ପାଟ୍ରୋଲିଂ ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୧୧ଟି ଗୋରୁ ଉଦ୍ଧାର କରାଯାଇଛି। ପୁଲିସ ଭ୍ୟାନ୍‌କୁ ଦେଖି ପିକ୍‌ଅପ୍ ଭ୍ୟାନ୍‌ଟି ଦ୍ରୁତ ଗତିରେ ପଳାଉଥିବାବେଳେ ଯଶିପୁର ବଜାର ନିକଟରେ ପୁଲିସ ଭ୍ୟାନ୍‌ଟିକୁ କାବୁ କରିଥିଲା। କିନ୍ତୁ ଡ୍ରାଇଭର ଜଣକ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିଲା। ଉକ୍ତ ଗାଡ଼ିର ଏକ ଭୁଲ୍ ନମ୍ବର ଥିବା ଜଣାପଡ଼ିଛି।

## ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

**ଦୋବଲ,୧୨।୩(ସମିସ):** ଦୋବଲ ନିକଟସ୍ଥ ଶୋହଡ଼ା ପଞ୍ଚାୟତର ପିତେଇପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷୟିତ୍ରୀ ବାସନ୍ତୀଲତା ପରିଡ଼ା (୫୯)ଙ୍କର ମଙ୍ଗଳବାର ପରଲୋକ ଘଟିଛି।



ତାଙ୍କର ଏହି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧାମନଗର ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟ ପରିଡ଼ା, କିରାଣି ନିଶିକାନ୍ତ ସାମଲ, ପ୍ରମୋଦ ନାଥ, ସିଆର୍‌ସିସି ଅଶ୍ୱିନୀ ଜେନା ତାଙ୍କ ଘର ମିଶ୍ରପୁରରେ ପହଞ୍ଚି ବାସନ୍ତୀଙ୍କ ସ୍ୱାମୀ ରବିନାରାୟଣ ଦାସଙ୍କୁ ଭେଟି ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସ୍ଥାନୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ପକ୍ଷରୁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି।

### ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଜାତୀୟ ଆଲୋଚନାଚକ୍ର

## ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସ ବୃହତର ରୂପାନ୍ତରଣ ପଥରେ ଗତିଶୀଳ

**ଭଦ୍ରକ,୧୨।୩(ସମିସ):** ପୂର୍ବରୁ ଭଲ ଉପନ୍ୟାସ ଲେଖା ହେଉଥିଲା, ଏବେ ହେଉନି- ଏପରି ମତ ଏକ ଆବେଗିକ ଭ୍ରମ। ହୁଏତ ସାର୍ବଜନୀନ ପାଠକୀୟ ଉତ୍ସାହ ଊଣା ହୋଇଥିବା ଯୋଗୁଁ ଆମକୁ ଏପରି ଅନୁଭବ ହେଉଛି। ସମ୍ପ୍ରତି ଓଡ଼ିଆ ଉପନ୍ୟାସ ସାହିତ୍ୟ ଏକ ବୃହତର ରୂପାନ୍ତରଣ ଦେଇ ଗତିକରୁଛି। ଦିନ ଥିଲା, ଯେତେବେଳେ ଉପନ୍ୟାସ କେବଳ ପାରିବାରିକ କଳହ, ମଧ୍ୟବିତ ଶ୍ରେଣୀର ସାମାଜିକ ଦ୍ୱନ୍ଦ୍ୱ ଏବଂ ପ୍ରେମ-ପ୍ରତାରଣାର ସୀମିତ ପରିଧି ମଧ୍ୟରେ ଆବଦ୍ଧ ରହୁଥିଲା। ମାତ୍ର ସାମ୍ପ୍ରତିକ କାଳରେ ଏହି ଧାରା ସମ୍ପୂର୍ଣ୍ଣ ବଦଳିଯାଇଛି। ଉପନ୍ୟାସ ଏବେ କେବଳ ମନୋରଞ୍ଜନର ମାଧ୍ୟମ ହୋଇ ରହିନାହିଁ; ଏହା ପ୍ରକୃତି ଓ ପୃଥିବୀକୁ ରକ୍ଷାକରିବା ପାଇଁ ଏକ ଶାଣିତ ବୌଦ୍ଧିକ ଆନ୍ଦୋଳନରେ ପରିଣତ। ବିଶ୍ୱସ୍ତରୀୟ ପରିବେଶ ସଙ୍କଟକୁ ସ୍ଥାନୀୟ ଜୀବନ ସହ ଯୋଡ଼ିବା ଏବଂ ପାଠକୀୟ ଚେତନାକୁ ଜାଗ୍ରତ କରିବା ହିଁ ଆଜିର ଉପନ୍ୟାସ ସାହିତ୍ୟର ନବଦିଗନ୍ତ ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ବୁଧବାର ଅନୁଷ୍ଠିତ 'ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସର ନବଦିଗନ୍ତ' ଶୀର୍ଷକ ସମ୍ମାନକୁ ମହାବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ଲେଙ୍କା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ ଆଜିର ଉପନ୍ୟାସ କେବଳ ଏକ ସାହିତ୍ୟିକ ସୃଷ୍ଟି ନୁହେଁ, ବରଂ ବଦଳୁଥିବା ସମୟର ସ୍ୱଷ୍ଟ ପ୍ରତିବିମ୍ବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ପ୍ରଫେସର ଡ. ଜୟନ୍ତ କୁମାର ଦାସ, ବିଶିଷ୍ଟ ଅତିଥି ଅଧ୍ୟାପକ ତଥା ସମାଲୋଚକ ଡ. ବିଶ୍ୱରଞ୍ଜନ ଦାସ ଯୋଗଦେଇଥିଲେ। ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ସୀମାରାଣୀ ମିଶ୍ର, ଗୀତାଞ୍ଜଳି ସାହୁ, ଶ୍ରୁତି ସାହୁ, ପ୍ରଶାନ୍ତି ପତି, ବର୍ଷା ନାୟକ, ଚନ୍ଦ୍ରିକା ମଲ୍ଲିକ, ରୋଜାଲିନ ଦାସ,



ବିଶ୍ୱଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ 'ବନ୍ଦେ ଉତ୍କଳ ଜନନୀ' ଗାନ ଓ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପିକା ଅନୀତାରାଣୀ ବାରିକ୍ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନ୍ୟତମ ଅଧ୍ୟାପିକା ପ୍ରମିଳା ଜେନା ବିଷୟ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷା ତଥା କବି ସୁଚିତ୍ରା ପାଣିଗ୍ରାହୀ, ଡ. ମନୋଜ ସାହୁ, ରାଜେଶ ପାହାରୀ, ଅନୀଲ ବେହେରା, ଡ. ସଙ୍ଗୀତା ଦାସ, ଇପ୍ସିତା ବିଶ୍ୱାଳ, ଗୀତାଞ୍ଜଳି ସାହୁ ତଥା ଓଡ଼ିଆ ବିଭାଗର ସମସ୍ତ ଛାତ୍ରୀ ଉତ୍ସାହର ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ପାର୍ବତୀ ବେହେରା, ଦୀପ୍ତିମୟୀ ବେହେରା, ଜୟଶ୍ରୀ ସାହୁ, ଲକ୍ଷ୍ମୀ ପାଣ୍ଡବ, ଆରତୀ ପଣ୍ଡା ପାଠଚକ୍ର ପରିଚାଳନାରେ ସହାୟତା କରିଥିଲେ। ଏହି ଅବସରରେ ବିଭାଗ ତରଫରୁ ଅତିଥିମାନଙ୍କୁ ପାଠଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ପ୍ରମିଳା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

● ଘରୁ ଡାକିନେଇ ଯୁବକଙ୍କୁ ବୀଭତ୍ସ ହତ୍ୟାକାଣ୍ଡକୁ ୫ ଦିନ ପୂରିଲା

## ହତ୍ୟାକାରୀଙ୍କ ଚିହ୍ନଟ, ହତ୍ୟାର କାରଣ ଏବେ ବି ଅସ୍ପଷ୍ଟ

**ଭଦ୍ରକ,୧୨।୩(ସମିସ):** ଗତ ୮ତାରିଖ ରାତିରେ ଜଣେ ଯୁବକଙ୍କୁ ଘରୁ ଡାକିନେଇ ବୀଭତ୍ସ ହତ୍ୟା ଘଟଣାକୁ ୫ ଦିନ ବିତିବାକୁ ବସିଛି। ତେବେ ଏଯାଏଁ ହତ୍ୟାର କାରଣ ଓ ହତ୍ୟାକାରୀଙ୍କୁ ଠାବ କରାଯାଇପାରି ନାହିଁ। ଅନ୍ୟପକ୍ଷରେ ଘରର ୨ପୁଅଙ୍କ ମଧ୍ୟରୁ ଗୋଟିଏ ପୁଅ ମାନସିକ ଭାବେ ଦିବ୍ୟାଙ୍ଗ ହୋଇଥିବାବେଳେ ଅନ୍ୟ ଜଣେ ପୁଅକୁ ହରାଇ ପରିବାର ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛି।



ସୂଚନାଯୋଗ୍ୟ, ଗତ ୮ତାରିଖ ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଚାଲିଥିଲା। କ୍ରିକେଟ ଖେଳରେ ରୁଚି ରଖୁଥିବା ଓ ବିଭିନ୍ନ କ୍ରିକେଟ ଟିମ୍‌ରୁ ଖେଳୁଥିବା ଭଦ୍ରକ ଜିଲ୍ଲା ଚରମ୍ପା ରେଳବାଇ କଲୋନୀର ଶ୍ରୀ ରମେୟାଙ୍କ ପୁଅ କୁମାର ସ୍ୱାମୀ(୨୪) ମ୍ୟାଚ୍ ଦେଖୁଥିବାବେଳେ ତାଙ୍କୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କଲ୍ ପାଇ ହାପ୍ ପ୍ୟାଣ୍ଟ ପିନ୍ଧି ଘରୁ ପଳାଇଥିଲେ। କିଛି ଘଣ୍ଟା ପରେ ବାପାଙ୍କ ନିକଟକୁ କଲ୍ ଆସିଥିଲା ଯେ ପୁଅ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି। ପରିବାର ଲୋକେ ଡାକ୍ତରଖାନା ଯିବା ବେଳକୁ କୁମାର ସ୍ୱାମୀଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଗୁଣ୍ଠୁଣିଆଠାରେ ହୋଇଥିବା ଏହି ହତ୍ୟା ଘଟଣାର କାରଣ ଏବେ ମଧ୍ୟ ଅସ୍ପଷ୍ଟ ରହିଛି। କୁମାରଙ୍କୁ ପ୍ରାୟ ୫ ଜଣ ଯୁବକ ମିଳିତ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ସୂଚନା ମିଳିଥିଲା। ଘଟଣା ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରୁ ସୁନାଚେନ୍, ୨ଟି ଜୋତା ସହ ରକ୍ତ ନମୁନା ସଂଗ୍ରହ କରିଥିଲା। ଘଟଣାସ୍ଥଳକୁ ଯାଇ ଭଦ୍ରକ ଏସ୍‌ପି ମନୋଜ ରାଉତ ସ୍ଥିତି ଅନୁଧ୍ୟାନ କରିଥିଲେ। ଏସ୍‌ପି କହିଛନ୍ତି ଯେ ଅପରାଧୀଙ୍କୁ ଚିହ୍ନଟ କରାଯାଇଛି, ୨ଟି ସ୍ୱତନ୍ତ୍ର ଟିମ୍ ଅପରାଧୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଛନ୍ତି। ଏହି ଘଟଣାରେ ମୃତକଙ୍କ ବାପା ଶ୍ରୀ ରମେୟାଙ୍କ ଏତଲା ଆଧାରରେ ପୁଲିସ ୫ଜଣଙ୍କ ନାମରେ ଏକ ହତ୍ୟା ମାମଲା(ନଂ-୧୭୪/୨୬) ରୁଜୁ କରିଛି। ତେବେ ଖୁବ୍‌ଶୀଘ୍ର ହତ୍ୟାର କାରଣ ଓ ହତ୍ୟାକାରୀଙ୍କୁ ପୁଲିସ ଗିରଫ କରିବ ବୋଲି ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର କହିଛନ୍ତି।

## ଜିଲ୍ଲା କଂଗ୍ରେସ ଅଫିସରେ ଇଫ୍‌ତାର ପାର୍ଟି

**ଭଦ୍ରକ,୧୨।୩(ସମିସ):** ଗୁରୁବାର ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ତରଫରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏକ ଇଫ୍‌ତାର ପାର୍ଟି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅପରାହ୍ଣ ୫ଟାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରୋଜା ରଖିଥିବା ଭାଇମାନେ ଯୋଗଦେଇଥିଲେ। ସନ୍ଧ୍ୟା ୬ଟାରେ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି ସେମାନଙ୍କୁ ଜଳପାନ କରାଇ ରୋଜା ଭାଙ୍ଗିଥିଲେ। ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଟାଉନ୍ କଂଗ୍ରେସ ସଭାପତି ମୁକିତ୍ ଖାନ୍ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସୁଧାକର ରାଉତ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନାରଣ ଚନ୍ଦ୍ର ପାଢ଼ୀ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ଫଳ ଖୁଆଇଥିଲେ।



ଏଥିରେ ରୋଜା ରଖିଥିବା ଶତାଧିକ ଲୋକଙ୍କ ସହିତ ବହୁ ସଧାରଣ ଲୋକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ବରିଷ୍ଠ ନେତା ପୀତବାସ ଧଳ, ଜିଲ୍ଲା କଂଗ୍ରେସ ଉପସଭାତି ପ୍ରଦ୍ୟୁମ୍ନ ଦାସ, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ରାଜ୍ୟ ଦଳିତ ସେଲ ସଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଧାମନଗର ବ୍ଲକ୍ ସଭାପତି ରମେଶ ବେହେରା, ଟାଉନ ସଭାପତି ପ୍ରମୋଦ ସ୍ୱାଇଁ, ଶର୍ମିଷ୍ଠା ପଣ୍ଡା, ରଞ୍ଜନ ଜେନା, ଆଦିବାସୀ ସେଲ ଜିଲ୍ଲା ସଭାପତି ରାଜୁ ପ୍ରାସାଦ ରାୟ, ସଞ୍ଜୟ ମିଶ୍ର, ପଦ୍ମଲୋଚନ ବେହେରା, ପୂର୍ବତନ ପାରିଷଦ ଗୋଲାମ ମାଇଉଦ୍ଦିନ, ଯାହିଦ୍ ସାହା, ଯୁବନେତା ଇଲିୟାସ୍ ଖାନ୍, ଏନାମୂଲ୍ ହକ୍, ସେକ୍ ହାସିନା, ଦୀନବନ୍ଧୁ ଦାସ, ଲୋକମାନ୍ ଖାନ୍, ଫେଟୋ ଆଲାମ, ସୁରେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ମରଣଯନ୍ତା ପାଲଟିଛି ହସନାବାଦ-ପଙ୍ଗଟା ଡାଇଭର୍ସନ ରୋଡ୍

## ଅସରାଏ ବର୍ଷାରେ ଯାତାୟାତ ଠପ୍

**ଅସୁରାଳି,୧୨।୩(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ଧୂଷୁରୀରୁ ପଙ୍ଗଟା ଛକ ଦେଇ ହସନାବାଦ ଯାଏ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ପୂର୍ଣ୍ଣାଙ୍ଗ ହୋଇ ନ ଥିବାବେଳେ ଏବେ ମଝି ରାସ୍ତାରେ ନିର୍ମାଣାଧୀନ ଥିବା ୩ଟି କଲ୍‌ଭର୍ଟର ଡାଇଭର୍ସନ ପାଇଁ ସ୍ଥାନୀୟ ଲୋକେ ଯିବାଆସିବା ପାଇଁ କଲବଲ ହେଉଛନ୍ତି। କଲ୍‌ଭର୍ଟ ନିର୍ମାଣ କରୁଥିବା ଠିକାଦାର ଡାଇଭର୍ସନ ରୋଡ୍‌କୁ ଠିକ୍ ଭାବେ ନିର୍ମାଣ କରିନାହାନ୍ତି। ଏହି ଡାଇଭର୍ସନ ରୋଡ୍‌ରେ ମୋରମ୍ କିମ୍ବା ପଥର ଡଷ୍ଟ ପକାଯାଇନାହିଁ। ଫଳରେ ଅସରାଏ ବର୍ଷା ଯୋଗୁଁ ଯିବାଆସିବା ଏକପ୍ରକାର ଠପ୍ ହୋଇଯାଇଛି। ବିଶେଷ କରି ବାଇକ୍ ଚାଳକମାନେ ଉଠାଣି କିମ୍ବା ଗଡ଼ାଣିରେ କାଦୁଅ ପାଇଁ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଆଣ୍ଠୁଏ କାଦୁଅରେ ନାହିଁ ନ ଥିବା ସମସ୍ୟା ହେଉଛି। ଏହି ସମସ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଯାଇଛି। ସ୍ଥାନୀୟ ଲୋକେ ଏ ବାବଦରେ ଠିକାଦାରଙ୍କଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ଏ ବିଷୟରେ ଜଣାଇଥିଲେ ବି କୌଣସି ସୁଫଳ ମିଳି ନ ଥିବା ସେମାନେ କହିଛନ୍ତି। ଡାଇଭର୍ସନ ରୋଡ୍ ନିର୍ମାଣରେ ଠିକାଦାର ଆନ୍ତରିକତା ଦେଖାଇ ନାହାନ୍ତି ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଯଦି ଦିନେ ୨ ଦିନ ମଧ୍ୟରେ ଡାଇଭର୍ସନ ରୋଡ୍‌କୁ ଠିକ୍ ଭାବେ ନିର୍ମାଣ କରା ନ ଯାଏ, ତେବେ ଆନ୍ଦୋଳନ କରାଯିବ ବୋଲି ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଚନ୍ଦ୍ରଶେଖର ନାୟକ, ସନ୍ତୋଷ ରାୟ, ଅଜୟ ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।



### ଚିର ନିଦ୍ରାରେ ଅବକାରୀ ବିଭାଗ

# ବେଆଇନ ମଦ ସହିତ ଗାଁକୁ ଗ୍ରାସୁଛି ଧଳାଜହର

**ବାରିକପୁର,୧୨।୩(ସମିସ):** ବେଆଇନ ଓ ଅବାଧ ନିଶା କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ନିକଟରେ ନାହାନ୍ତି ଆବଶ୍ୟକୀୟ କର୍ମଚାରୀ ଓ ଅଧିକାରୀ। ଫଳରେ ଦୀର୍ଘ ବର୍ଷ ହେବ ଧାମନଗର ଅବକାରୀ ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳରେ ବେଆଇନ ମଦ ବେପାର ବୃଦ୍ଧି ପାଉଥିବା ବେଳେ ଏବେ ଧଳାଜହର ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ଗ୍ରାମର ଯୁବକମାନେ ଏହି ବ୍ରାଉନ୍‌ସୁଗର ନିଶାରେ କବଳିତ ହେଉଛନ୍ତି। ବେଆଇନ ନିଶା ଦମନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅବକାରୀ ବିଭାଗ ସତେଯେମିତି ଚିରନିଦ୍ରାରେ ରହିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ମୁତାବକ, ଧାମନଗର ଆଦର୍ଶ ଅବକାରୀ ଥାନାଟି ପ୍ରତିଷ୍ଠା ହେବା ଦିନଠାରୁ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି ଲାଗି ରହିଛି। ଏହି ଥାନା ଅଧୀନରେ ଧାମନଗର, ଧୂଷୁରୀ, ଆରଡ଼ିଠାରୁ ଆରମ୍ଭ କରି ଭଣ୍ଡାରିପୋଖରୀ ଆଖୁଆପଦା ଯାଏଁ ସୀମା ରହିଛି। ଉକ୍ତ ଆଦର୍ଶ ଥାନାରେ ଜଣେ ଉପ ନିରୀକ୍ଷକଙ୍କ ସମେତ ହାତଗଣତି କେତେଜଣ କର୍ମଚାରୀ ରହିଛନ୍ତି। ଆବଶ୍ୟକ କର୍ମଚାରୀ ପଦ ଦୀର୍ଘ ବର୍ଷ ହେବ ଖାଲି ପଡ଼ିଛି। ଉପନିରୀକ୍ଷକ ଓ କର୍ମଚାରୀମାନେ ୭ଟି ଠିପି ବନ୍ଦ ମଦ ଦୋକାନ, ୪ଟି ଠିପି ଖୋଲା, ୩ଟି ଦେଶୀ ମଦ ଦୋକାନ କଥା ବୁଝୁବୁଝୁ ସମୟ ଯାଉଛି। ଦୋକାନଗୁଡ଼ିକଠାରୁ ଲାଇସେନ୍ସ ଫି' ଆଦାୟ କରିବା ସହିତ ମଦ କ୍ରୟ ବିକ୍ରୟ କାଗଜପତ୍ର ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଅଧିକାରୀ ମାସର ଅର୍ଦ୍ଧାଧିକ ସମୟ ବିତାଇ ଦେଉଛନ୍ତି। ତେଣୁ ସୀମା ପାର୍ ବେଆଇନ ମଦ, ଗଞ୍ଜେଇ, ବ୍ରାଉନ୍‌ସୁଗର ବେପାର ଉପରେ ବିଭାଗୀୟ ଅଧିକାରୀମାନେ ରୋକ୍ ଲଗାଇ ପାରୁନାହାନ୍ତି। ତେଣୁ ଅନାୟଶରେ ଦିନକୁ ଦିନ ଭଣ୍ଡାରିପୋଖରୀ ସମେତ ଧାମନଗର ବ୍ଲକ୍ ଅଞ୍ଚଳରେ ଚୋରା ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଗୋଟେପଟେ କର୍ମଚାରୀ ଅଭାବ ଓ ଅନ୍ୟପଟେ ଆରଡ଼ିରୁ ଆଖୁଆପଦା ଯାଏଁ ସୁଦୀର୍ଘ ପଥକୁ ଆୟତ କରିବା ବିଭାଗ ପକ୍ଷରୁ ଏକପ୍ରକାର ଅସମ୍ଭବ ହେଉଥିବା ବିଭାଗ ପକ୍ଷରୁ ବାରମ୍ବାର କୁହାଯାଉଛି। ଯଦିଓ କେତେବେଳେ କେମିତି ଚୋରା ବେପାରୀଙ୍କ ଉପରେ ଚଢ଼ଉ ହେଉଥିଲେ ମଧ୍ୟ କୋହଳ ଆଇନ ଯୋଗୁଁ ବେପାର କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯେଉଁଥିପାଇଁ ଗାଁ ଗଣ୍ଡାରେ ଏବେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଅବାଧ ନିଶା କାରବାର ଯୋଗୁଁ ଚୋରି, ଡକାୟତି, ଆକ୍ରମଣ ଭଳି ଅପରାଧ ସୃଷ୍ଟି ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ବିଶେଷ କରି ଗାଁ ଗହଳିରେ ଏବେ ବ୍ରାଉନ୍‌ସୁଗର ପହଞ୍ଚି ଯାଉଛି। ଏପରି ସ୍ଥଳେ ଅବକାରୀ ବିଭାଗର ସ୍ଥାଣୁତାକୁ ନେଇ ସବୁଆଡ଼େ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହା ଉପରେ ଉଚ୍ଚପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ଧାନମଣ୍ଡିରେ ଅବ୍ୟବସ୍ଥା; ଧାରଣାରେ ବସିଲେ ଚାଷୀ

**ଦାନଗଦି, ୧୨।୩(ସମିସ)**



ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଗୋବର୍ଦ୍ଧନପୁର ଧାନ ମଣ୍ଡିରେ ଅବ୍ୟବସ୍ଥା ପାଇଁ ସମବାୟ ସମିତିର ପଞ୍ଜିକୃତ ଚାଷୀ ମଣ୍ଡିରେ ଧାନ ଦେଇ ନପାରି ଧାରଣାରେ ବସିଛନ୍ତି। ଗୋବର୍ଦ୍ଧନପୁର କୃଷି ସମବାୟ ସମିତିରେ ଗୋବର୍ଦ୍ଧନପୁର, ଚିତ୍ରୀ, ଓସ୍ତପାଳ, ଦେଉଳକଣ ଓ କିଆଝର ପଞ୍ଚାୟତର ମୋଟ ୫୮୦ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୪୫୨ ଚାଷୀ ଟୋକନ ପାଇ କିଛି ଧାନ ବିକ୍ରି କରିଛନ୍ତି। ଚଳିତବର୍ଷ ୧୭.୫୦୦ କ୍ୱିଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ଥିଲାବେଳେ ଏହି ତାରିଖ ସୁଦ୍ଧା ଆଉ ୮ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ବାକି ଅଛି। ଏହି କ୍ରମରେ ଗତ ଜାନୁୟାରୀ ୨୬ରେ କିଛି ସାଧାରଣ ଚାଷୀ ଧାନ ଦେବାକୁ ଟୋକନପାଇଥିଲେ ଯାହା ମାର୍ଚ୍ଚ ୧୧ ତାରିଖ ଶେଷଦିନ ପର୍ଯ୍ୟନ୍ତ ଅବଧିଥିଲା। ସେଥିପାଇଁ ଚାଷୀମାନେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଟ୍ରାକ୍ଟର, ପିକ୍‌ଅପ, ଟିପର ଓ ଅଟୋ ଉଡ଼ା କରି ଧାନ ଆଣି ମଣ୍ଡିରେ ରଖି ରାତିଦିନ ଜଗି ରହିଛନ୍ତି। କିନ୍ତୁ ୧୧ତାରିଖ ଧାନ ନଉଠି ସମସ୍ତ ଚାଷୀଙ୍କର ଟୋକନ ବାତିଲ ହୋଇଯିବା ନେଇ ଅଧିକାରୀଙ୍କଠାରୁ ସୂଚନା ପାଇବା ପରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଜାନୁୟାରୀ୨୬ପରେ ବେନିୟମ ଭାବରେ ବେପାରୀ ଓ ଅଧିକାରୀଙ୍କ ଭିତିରିଆ ବୁଝାମଣା ମାଧ୍ୟମରେ କିଛିଧାନ ଉଠାଯାଇଛି। ବିଭିନ୍ନ ପ୍ରସଙ୍ଗ ଉଠାଇ ଚାଷୀମାନେ ଏକତ୍ରିତ ହୋଇ ସମିତିକୁ ଘେରାଉ କରିଥିଲେ। ଆମ ଧାନ ନ ଉଠିବା ପର୍ଯ୍ୟନ୍ତ ଆମେ ଆମରଣ ଅନଶନ କରିବୁ ନ ହେଲେ ସମୂହ ଆତ୍ମହତ୍ୟା କରିବୁ ବୋଲି ଚାଷୀ କହିଛନ୍ତି। ଏ ସମସ୍ୟା ବାବଦରେ ଚାଷୀମାନେ ଟମକା ପୁଲିସ୍ ପାଖରେ ପହଞ୍ଚି ଲିଖିତ ଅଭିଯୋଗ କଲାପରେ ଥାନାର ଆଇଆଇସି ବିନତୀ ଦାସ ନିଜେ ଗୋବର୍ଦ୍ଧନପୁର ଧାନମଣ୍ଡିକୁ ଯାଇ ସିଧାସଳଖ ଚାଷୀ ଓ ଅଧିକାରୀଙ୍କ ସହିତ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଗତ ଜାନୁୟାରୀ ମାସ ୨୪ ତାରିଖ ପର୍ଯ୍ୟନ୍ତ କିଣାଯାଇଥିବା ଧାନକୁ ଉଠାଯିବ ତତ୍ ସହିତ ୨୬ ତାରିଖ ଦିନ ହୋଇଥିବା ଚାଷୀଙ୍କର ଧାନ ଉଠିଲାପରେ ଅନ୍ୟଚାଷୀଙ୍କର ଧାନ ଉଠିବ ବୋଲି ଥାନା ଅଧିକାରିଣୀ ଓ ସୋସାଇଟିର ସମ୍ପାଦକ ପ୍ରଦୀପ କୁମାର ରାଉତ ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା। ହେଲେ ଚାଷୀମାନେ ପାଳି କରି ଧାନ ଜଗିବା ସହିତ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଜଗି ବସିବେ ବୋଲି ସୂଚନା ଦେଇଛନ୍ତି। ଏ ବାବଦରେ ଯାଜପୁର ଜିଲ୍ଲାପାଳ, ଦାନଗଦୀ ବିଡିଓ ଓ ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ପ୍ରକୃତ ତଦନ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆସିପାରନ୍ତା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଗଣଧାରଣାରେ ଦୁର୍ଯ୍ୟୋଧନ ମହାନ୍ତ, ବିଜୟ ରାଉତ, ନିରଞ୍ଜନ ବେହେରା, ସରୋଜ ବେହେରା, ବିଚିତ୍ର ନାୟକ, ଲମ୍ବୋଧର, ମନୋଜ ମହାନ୍ତ, ତରଣୀ ମହାନ୍ତ, ସମେତ ଶତାଧିକ ଚାଷୀ ସାମିଲ୍ ହୋଇଥିଲେ।

# ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଜେନାପୁର, ୧୨।୩(ସମିସ):** ଧର୍ମଶାଳା ବ୍ଲକ ପୁରୁଣା ବଡଳମାଳ ଗ୍ରାମ ପଞ୍ଚାୟତର ବାଉତୀ ଦେବୀ ବିଦ୍ୟାପୀଠର ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ତଥା ଅଧକ୍ଷ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରବଚକ ଓ ଶିକ୍ଷକ ବିନୟ କୁମାର ଶତପଥୀ, ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ଦାସ, ବାଙ୍କ ବିହାରୀ ବେହେରା, ତାରିଣୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଞ୍ଜନ କୁମାର ବେହେରା, ମୁକୁନ୍ଦପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ବିଶିଷ୍ଟ ପ୍ରଧାନ ଶିକ୍ଷକ କମଳାକାନ୍ତ ବେହେରା ଯୋଗଦେଇ ଅବସରପ୍ରାପ୍ତ ସହକାରୀ ଶିକ୍ଷକ ନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା ରଖିଥିଲେ। ପୂର୍ବତନ ସିଆର୍‌ସିସି ଗୁରୁ ଚରଣ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରେଖା ଲତା ସାହୁ, ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ହିଙ୍ଗୁଳା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ଯୋଗ ଦେଇଥିଲେ। ମଞ୍ଚକୁ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ ସହକାରୀ ଶିକ୍ଷକ ବିଜୟ କୁମାର ବେହେରା। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ଅରୁଣ କୁମାର ଦାସ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପୁରାତନ ଛାତ୍ର ଡାକ୍ତର ସୁମନ କଲ୍ୟାଣ ବେହେରା। ପୁରାତନ ଛାତ୍ର ପ୍ରକାଶ ଚନ୍ଦ୍ର ବେହେରା। ମାନପତ୍ର ପଠନ କରିଥିଲେ ଫାର୍ମାସିଷ୍ଟ ତଥା ପୁରାତନ ଛାତ୍ର ସନ୍ଦୀପ ଶାନ୍ତନୁ ଦାସ। ପୁରାତନ ଛାତ୍ର ରଞ୍ଜନ କୁମାର ଦାସ, ଅଂଶୁମାନ ଦାସ, ପ୍ରକାଶ ଚନ୍ଦ୍ର ଦାସ, ସନ୍ତୋଷ କୁମାର ଦାସ, ଶିକ୍ଷକ ପ୍ରସନ୍ନ କୁମାର ବେହେରା, ଲକ୍ଷ୍ମୀଧର ଦାସ, ଧନଞ୍ଜୟ ବେହେରା, ସବ୍ୟସାଚୀ ବେହେରା ଯୋଗ ଦେଇଥିଲେ। ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ଜନ୍ମସ୍ଥାନରେ ପହଞ୍ଚାଇଥିଲେ।

# ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ଦାବି

**ବ୍ରହ୍ମବରଦା,୧୨।୩(ସମିସ):** ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ନିମନ୍ତେ ଆଜି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନା ଥାଉକି ଗତ ୧ବର୍ଷ ପୂର୍ବେ ରୁଦ୍ରପୁର ପଞ୍ଚାୟତରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ନିମନ୍ତେ ଅନୁଦାନ ଆସିଥିଲା। ହେଲେ ପଞ୍ଚାୟତର ଦୁଇଗୋଷ୍ଠୀ ନିଜନିଜ ଅଞ୍ଚଳରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବା ଜିଦ୍‌ରେ ଅଟଳ ରହିଥିବାବେଳେ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ବିଫଳ ହୋଇଛି।

ବଡ଼ବାଗସାହି, ସିଠାଳୋଇ, ନୁଣୁପୁର ଓ ରୁଦ୍ରପୁର ଆଦି ୪ଟି ରାଜସ୍ୱ ଗ୍ରାମର ୧୨ଟି ୱାର୍ଡକୁ ନେଇ ଏହି ପଞ୍ଚାୟତ ଗଠନ ହୋଇଥିବାବେଳେ ଅଧିକାଂଶ ଗ୍ରାମବାସୀ ରୁଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦାବି କରୁଛନ୍ତି। ତେବେ ଅନ୍ୟଏକ ଗୋଷ୍ଠୀ ରୁଦ୍ରପୁର ଗ୍ରାମରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଦାବି କରିଛନ୍ତି। ଫଳରେ ଠିକାଦାର ପ୍ରକଳ୍ପ କେଉଁଠି ନିର୍ମାଣ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିବାବେଳେ ବର୍ଷେ ହେବ କାର୍ଯ୍ୟ ହୋଇ ନ ପାରି ଅନୁଦାନ ପଡ଼ିରହିଛି। ତୁରନ୍ତ ପ୍ରକଳ୍ପ ନିର୍ମାଣ ନିମନ୍ତେ ଗ୍ରାମବାସୀ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ରୁଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରିବା ନେଇ ନିର୍ଦ୍ଦେଶ ଦେବାକୁ ସରପଞ୍ଚ କରୁଣାକର ଆଚାର୍ଯ୍ୟ, ସମିତିସଭ୍ୟ ଅକ୍ଷୟ କୁମାର ନାୟକଙ୍କ ସମେତ ସିଠାଳୋଇ, ନୁଣୁପୁର, ବଡ଼ବାଗସାହି ଓ ରୁଦ୍ରପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଦାବି କରିଛନ୍ତି। ଅନ୍ୟପକ୍ଷରେ ରୁଦ୍ରପୁର ଗ୍ରାମରେ ଉକ୍ତ ପ୍ରକଳ୍ପ ନିର୍ମାଣ କରିବା ନେଇ ଅନ୍ୟ ଏକ ଗୋଷ୍ଠୀ ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଦାବି କରିଥିବା ଜାଣିବାକୁ ମିଳିଛି। ତେବେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ୩ ଟି ଗ୍ରାମର ସମସ୍ତ ଗ୍ରାମବାସୀ ରୁଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉକ୍ତ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅଗ୍ରହ ପ୍ରକାଶ କରୁଥବା ବେଳେ ଜିଲ୍ଲାପାଳ ଉକ୍ତ ସ୍ଥାନରେ କାର୍ଯ୍ୟ ଆରମ୍ଭ ନେଇ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି।

## ବଜାର ମଝିରେ ଦେଶୀ ମଦ ଦୋକନ

# ଉଚ୍ଛେଦ ନ ହେଲେ ଆନ୍ଦୋଳନ ଚେତାବନୀ

**ବ୍ରହ୍ମବରଦା, ୧୨।୩(ସମିସ):** ବ୍ରହ୍ମବରଦା ଥାନା ବ୍ରହ୍ମବରଦା ସାପ୍ତାହିକ ହାଟ ନିକଟରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଦୋକାନ ଏବେ ଏହି ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଜନବସତି ନିକଟରେ ଥିବା ଉକ୍ତ ଦେଶୀ ମଦ ଦୋକାନ ଯୋଗୁଁ ଦିନକୁ ଦିନ ବ୍ରହ୍ମବରଦା ଅଞ୍ଚଳରେ ମଦୁଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିବା ବେଳେ ଗ୍ରାମବାସୀ ସେହି ସ୍ଥାନରେ ବସବାସ କରିବା ଏକପ୍ରକାର ମୁସ୍କିଲ ହୋଇଗଲାଣି। ଦେଶୀ ମଦ ଦୋକାନଟି ଦିନରାତି ଖୋଲା ରହୁଥିବାରୁ ସନ୍ଧ୍ୟା ହେଲେ ଉକ୍ତ ସ୍ଥାନଟି ମଦୁଆଙ୍କ ଆଡ଼ାସ୍ଥଳୀ ପାଲଟିଛି। ବହୁସମୟରେ ଲୋକେ ମଦପିଇ ନିକଟରେ ଥିବା ହାଟଚାଳି ଓ ରାସ୍ତାଘାଟରେ ଗଡ଼ୁଥିବାର ଦୃଶ୍ୟ ମଧ୍ୟ ବାରମ୍ବାର ଦେଖିବାକୁ ମିଳୁଛି। ଯାହାଦ୍ୱାରା ଲୋକେ ଉକ୍ତ ରାସ୍ତାଦେଇ ଯିବାଆସିବା କରିବାକୁ ଏବେ ଭୟ କରୁଛନ୍ତି। ଅନ୍ୟପକ୍ଷରେ ଏହି ଅଞ୍ଚଳର ଅନେକ ପାଠ ପଢ଼ୁଆ ପିଲାଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସହ ବହୁ ପରିବାରର ଝିଅ ବୋହୂ ଚଳିବା କଷ୍ଟକର ହୋଇପଡୁଛି। ହେଲେ ଜିଲ୍ଲା ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ନିଦାବିଷ୍ଟ ପାଲଟିଛି। ବ୍ରହ୍ମବରଦା ସାପ୍ତାହିକ ହାଟ ନିକଟରେ ଦେଶୀ ମଦ ଦୋକାନଟି ଥିବାରୁ ମଦୁଆଙ୍କ ପ୍ରାଦୁର୍ଭାବରେ ଲୋକେ ଏବେ ସାପ୍ତାହିକ ହାଟକୁ ଆସିବା ଧୀରେ ଧୀରେ ବନ୍ଦ କରିଦେଲେଣି। ବିଶେଷକରି ମଦ ଦୋକାନଟି ବ୍ରାହ୍ମଣୀ ନଦୀବନ୍ଧ ପାର୍ଶ୍ୱରେ ଥିବାରୁ ଝାଳପଡ଼ା, କାକୁଡ଼ିକୁଦ, ବାଘସାହି ଓ ରୁଦ୍ରପୁର ପରି ପଞ୍ଚାୟତ ଅଞ୍ଚଳରୁ ନଦୀ ପାର ହୋଇ ଆସୁଥିବା ଶହ ଶହ ସଂଖ୍ୟାରେ ବ୍ୟବସାୟୀ, ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ବନ୍ଧଡିହ, ଗୋଳକୁଣ୍ଡ, ହରିପୁର ଓ ବାଲିଆ ଆଦି ଅଞ୍ଚଳରୁ ରକ୍ତ ନଦୀବନ୍ଧ ରାସ୍ତା ଦେଇ ଆସୁଥିବା ବେପାରୀ ଓ ଲୋକ ମଧ୍ୟ ଦୈନିକ ମଦୁଆଙ୍କ ହାବୁଡ଼ରେ ପଡ଼ି ଦହଗଞ୍ଜ ହେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା, ଜନବସତି ନିକଟ ଓ ବ୍ରହ୍ମବରଦା ସରକାରୀ ବିଡ଼ି ଶ୍ରମିକ ମେଡିକାଲଠାରୁ ମାତ୍ର ଶହେ ମିଟର ଦୂରରେ ଏହି ଦେଶୀ ମଦ ଦୋକାନ ରହିଛି। ମେଡିକାଲ ଭଳି ସମ୍ବେଦନଶୀଳ ଅଞ୍ଚଳରେ ମଦ ଦୋକାନ ଖୋଲା ହେବା ପାଇଁ ସରକାର କିପରି ଅନୁମତି ପ୍ରଦାନ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଦେଶୀ ମଦ ପିଇ ବହୁ ଲୋକ ସର୍ବସ୍ୱାନ୍ତ ହେବା ସହ ସେମାନଙ୍କ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ବିଶେଷକରି ଗ୍ରାମର ଯୁବଗୋଷ୍ଠୀ ମଦ ମୋହରେ ପଡ଼ି ପଥଭ୍ରଷ୍ଟ ହେବା ସହ ନିଜ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦେଉଛନ୍ତି। ତେଣୁ ଜନବସତି ନିକଟରେ ଉକ୍ତ ଦେଶୀ ମଦ ଦୋକାନ ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ଉଚ୍ଛେଦ କରିବାକୁ ଦାବି ହୋଇଛି। ତାହା ନ ହେଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# କୃତୀ ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ



**ଧର୍ମଶାଳା, ୧୨।୩ (ସମିସ):** ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମର ମନୋଜ ରାଉତଙ୍କ ଝିଅ ପ୍ରୀତିକ୍ଷା ରାଉତ ଜେଇ ୨୦୨୬ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ କୃତିତ୍ୱ ହାସଲ କରିଥିଲେ। ତାଙ୍କର ଉଚ୍ଚଶିକ୍ଷା ପଢ଼ିବା ପାଇଁ ଏକ ଲାପ୍‌ଟପ୍ ଆବଶ୍ୟକ ଥିବାରୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସହାୟତାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର କର୍ମକର୍ତ୍ତା ରାଜେଶ କୁମାର ପାଳ ଏବଂ ଯୁବ ସଂଗଠକ ସବ୍ୟସାଚୀ ସୁନ୍ଦରାଏ ତାଙ୍କୁ ଭେଟି ଏକ ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ପ୍ରୀତିକ୍ଷା ଜଣେ ଉତ୍ତମ ଛାତ୍ରୀ ଭାବରେ ଆଖପାଖ ଅଞ୍ଚଳରେ ବେଶ ଜଣାଶୁଣା। ପ୍ରୀତିକ୍ଷା ହେଉଛନ୍ତି ଜାରକାରେ ନୂତନ ଭାବେ ଗଢ଼ି ଉଠିଥିବା ଡ. ଏପିଜେ ଅବଦୁଲ କାଲାମ ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ମନୋଜ କୁମାର ରାଉତ ଓ ବବିତା ରାଉତଙ୍କ କନିଷ୍ଠା କନ୍ୟା।

# କାମ ନ କରି ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ୍ ଅଭିଯୋଗ

**ବ୍ରହ୍ମବରଦା, ୧୨।୩(ସମିସ):** ରସୁଲପୁର ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତରେ କୌଣସି ପ୍ରକଳ୍ପ ନ କରି ଲକ୍ଷାଧିକ ଟଙ୍କା ବିଲ କରାଯାଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଘଟଣାକୁ ନେଇ ଗ୍ରାମର ସଚେତନ ନାଗରିକ ମଞ୍ଚ ଓ ଗ୍ରାମବାସୀ ଆଜି ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ରୁଦ୍ରପୁର ପଞ୍ଚାୟତ ସିଠାଳୋଇ ଗ୍ରାମ ୭ ନମ୍ବର ୱାର୍ଡରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ ନିମନ୍ତେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଥିଲା। ଏ ନେଇ ପଞ୍ଚାୟତର କିଛି ଅସାଧୁ ବ୍ୟକ୍ତି ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଉକ୍ତ ଗ୍ରାମରେ କୌଣସି ବି ନୂତନ ପ୍ରକଳ୍ପ ନ କରି ଅନ୍ୟ ଏକ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ପୂର୍ବରୁ ନିର୍ମାଣଧୀନ ଥିବା ଅଧପନ୍ତରିଆ ହନୁମାନ ମନ୍ଦିରକୁ ନୂତନ ପ୍ରକଳ୍ପ ଦର୍ଶାଇ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଜମି ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଉକ୍ତ ବିବାଦୀୟ ଜମି ଉପର କୌଣସି କାର୍ଯ୍ୟ ନ ହେବା ପାଇଁ ନିର୍ଦ୍ଦେଶ ରହିଛି। ଏଭଳି ସ୍ଥିତିରେ ତଞ୍ଚକତା କରାଯାଇ ଦୁଇଜଣ ଭେଣ୍ଡର ଓ ରୁଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଖାତାକୁ ୪ଲକ୍ଷ ୭୪ ହଜାର ୪୭୬ ଟଙ୍କା ଆସିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ସରକାରୀ ପ୍ରକଳ୍ପ କିପରି ନିର୍ମାଣ କରାଯାଇ ପାରିଲା ଏ ନେଇ ସେ ଜମିର ଲ୍ୟାଣ୍ଡ ପର୍ଚିକୁଲାର ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ବିନା କିପରି ଏତେ ଟଙ୍କା ବିଲ କରାଗଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ତଦନ୍ତ ପୂର୍ବକ ସତ୍ୟତା ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ଆଲୋକ କୁମାର ସାହୁ, ଧର୍ମେନ୍ଦ୍ର ସାହୁ, ସୁଶାନ୍ତ ସାହୁ, ମନୋଜ ସାହୁ, ପ୍ରଦୀପ କୁମାର ସାହୁ, ଦିବ୍ୟଲୋଚନ ସାହୁ, ଭରତ ଲେଙ୍କା ପ୍ରମୁଖ ଯାଜପୁର ଜିଲ୍ଲାପାଳଙ୍କ ସହିତ ଯାଜପୁର ବିଡିଓ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲା ପରିଷଦ ସଭ୍ୟ, ଯାଜପୁରଙ୍କ ନିକଟରେ ଦାବି ଜଣାଇଛନ୍ତି।

# ୪୮ ତମ କୁଆଖିଆ ମେଳଣ ଉଦ୍‌ଯାପିତ



**କୁଆଖିଆ, ୧୨।୩(ସମିସ):** ରସୁଲପୁର ବ୍ଲକର ପ୍ରସିଦ୍ଧ ୪୮ ତମ କୁଆଖିଆ ମେଳଣ ପାଳିତ ହୋଇଛି। ବୁଧବାର ରାତିରେ ଆରମ୍ଭ ହୋଇ ଗୁରୁବାର ଅପରାହ୍ଣରେ ଏହା ଉଦ୍‌ଯାପିତ ହୋଇଥିଲା। ମେଳଣ ପଡ଼ିଆରେ ୩୫ଟି ବିମାନ ଏକାଠି ହୋଇଥିବାବେଳେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଫଗୁ ଲାଗି କରିବା ସହ ଫଗୁ ଖେଳିଥିଲେ। ଠାକୁର ବାଡ଼ିଆଙ୍କ ପକ୍ଷରୁ ବିମାନ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ସାରଙ୍ଗପୁର ଗ୍ରାମର ଶ୍ରୀଶ୍ରୀ ରାଧାକ୍ରିଷ୍ଣଜିଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ପରେ ସମସ୍ତ ବିମାନ ଏକତ୍ରିତ ହୋଇଥିଲେ। କମିଟି ପକ୍ଷରୁ ସେମାନଙ୍କ ନିକଟରେ ଭୋଗ ଲାଗି କରିବାପରେ ବିଦାୟ ଦିଆଯାଇଥିଲା। ମେଳଣ ପଡ଼ିଆରେ ମୀନା ବଜାର ଲାଗିଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# କଲର୍ କ୍ଲାଉଡ୍ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ



**ଧର୍ମଶାଳା, ୧୨।୩(ସମିସ):** ଜାରକାସ୍ଥିତ କଲର୍ କ୍ଲାଉଡ୍ ପବ୍ଲିକ୍ ସ୍କୁଲର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ନିର୍ଦ୍ଦେଶକ ଅଭିଜିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇ କୁନି କୁନି ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଆମ ପିଲା ଆମ ଦେଶର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଧର୍ମଶାଳା ମଣ୍ଡଳର ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ଆରକ୍ଷୀ ନିରୀକ୍ଷକ ଚିନ୍ମୟୀ ସାହୁ ଯୋଗଦେଇ ଆମ ପିଲାମାନେ ଆମ ପାଇଁ ମୂଲ୍ୟବାନ ବୋଲି କହିଥିଲେ। ଏହି ଅବସରରେ ରୋଟାରିଆନ ତଥା ସମାଜସେବୀ ପ୍ରଦୀପ୍ତ କୁମାର ବରାଳ, ଇନରହୁଇଲ୍ କ୍ଲବ୍‌ର ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଢ, ପ୍ରବୋଧ କୁମାର ଦାସ, ମନୋଜ କୁମାର ବିଶ୍ୱାଳ, ଆଶାକର୍ମୀ ପୁଷ୍ପଲତା ରାଉତ, ଆମ ସେବା ପରିବାର ଟ୍ରଷ୍ଟ, ଅଂଶୁମାନ ଟ୍ରଷ୍ଟକୁ ମାନପତ୍ର ଓ ଉପଢୌକନ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ଅଧକ୍ଷା ବନ୍ଦିତା ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଉର୍ମିଳା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବକୁ ଶିକ୍ଷୟିତ୍ରୀ ପ୍ରୀତିମଞ୍ଜରୀ ଗିରି, ଜ୍ୟୋତିଧାରା ପଣ୍ଡା, ପ୍ରିୟଙ୍କା ସାହୁ, ସନ୍ଧ୍ୟାରାଣୀ ରାଉତ, ହରପ୍ରିୟା ନନ୍ଦ, ନାଜିଆ ସିଦ୍ଦିକି, ପ୍ରିୟଙ୍କା ଧଳ, ସ୍ମରଣିକା ମୁଦୁଲି, ରଶ୍ମୀତା ମହାନ୍ତି, ପ୍ରଜ୍ଞା ନାୟକ, ଅଜରା ନାଫିଆ, ମାଲେହା ପରବିନ, ପୂଜା ଦାଶ, ଶିକ୍ଷକ ପ୍ରଦୀପ କୁମାର ଦାଶ ଓ ବିଶ୍ୱମୋହନ କର ପ୍ରମୁଖ ପରିଚାଳନା କରିଥିଲେ।

# ବଡ଼ମଠ ଶ୍ରୀକୃଷ୍ଣ ମେଳଣ ଉଦ୍‌ଯାପିତ



**ବିଞ୍ଝାରପୁର, ୧୨।୩(ସମିସ):** ପବିତ୍ର ଦୋଳ ଅବସରରେ ମାଁସଡ଼ା ଗ୍ରାମପଞ୍ଚାୟର କଲ୍ୟାଣେଶ୍ୱର ଛକ ସ୍ଥିତ ମେଳଣ ପଡ଼ିଆରେ ଶ୍ରୀଶ୍ରୀ କିଶୋର କିଶୋରୀଜିଉ ବଡ଼ମଠ ଶ୍ରୀକୃଷ୍ଣ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣ ଉତ୍ସବ ବୁଧବାର ଭୋର୍‌ରୁ ଆରମ୍ଭ ହୋଇ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଏହି ଉତ୍ସବରେ ଗିରିଧାରୀଜିଉ, ମଦନମୋହନଜିଉ, ଗୋପୀନାଥଜିଉ, ରାଧାରମଣଜିଉ, କିଶୋର କିଶୋରୀଜିଉ, ଗୋବିନ୍ଦଜିଉ, ଦାମୋଦରଜିଉ, ବ୍ରଜମୋହନଜିଉ କୁଞ୍ଜ ରୂପକ ବିମାନରେ ପାରମ୍ପାରିକ କାଠି ନାଚ, ସାପ ନାଚ, ଘୋଡ଼ା ନାଚ, ଷଣ୍ଢ ନାଚ, ଘୁମୁରା ନୃତ୍ୟ, ଭଜନ, ସଂକୀର୍ତ୍ତନ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଗୁରୁବାର ସକାଳେ ମେଳଣ ମଣ୍ଡପରେ ପହଞ୍ଚିଥିଲେ। ଏଠାରେ ଶ୍ରୀଜିଉମାନଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଅବିର ରଙ୍ଗ ଖେଳି ମେଳଣ ସମାପନ କରାଯାଇଥିଲା। ଏହି ମେଳଣ ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ବେହେରା ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା। ଶ୍ୟାମ ସୁନ୍ଦର ବେହେରା, ସପନ କୁମାର ଦାସ, ଦିବାକର ସାହୁ, ନୃସିଂହ ମିଶ୍ର, ବିଜୟ ଚାନ୍ଦ, ରବୀନ୍ଦ୍ର ବେହେରା, ସଞ୍ଜୟ ବେହେରା, ଦିଲ୍ଲୀପ ବେହେରା, ବରୁଣ ସ୍ୱାଇଁ, ରାମକୃଷ୍ଣ ମିଶ୍ର, ଶିବପ୍ରସାଦ ବେହେରା, ବିବେକାନନ୍ଦ ଦାସ, ଗଙ୍ଗାଧର ଯେନା, ବିଜୟ ରାଉତ, ମହେନ୍ଦ୍ର ଜେନା, ବୁଦ୍ଧଦେବ ବେହେରା, ବିଜୟ ରାଉତ, ରବୀନ୍ଦ୍ର ସ୍ୱାଇଁ, କ୍ଷୀରୋଦ ସ୍ୱାଇଁ, ସମର ପଣ୍ଡା, ପ୍ରଶାନ୍ତ ମିଶ୍ର, ଗୁରୁପ୍ରସାଦ ମିଶ୍ର, ଅଜୟ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ୨୦ରୁ ଜିଲ୍ଲା ମହୋତ୍ସବ 'ଯଯାତି'

**ଯାଜପୁର, ୧୨।୩(ସମିସ)**



ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମହୋତ୍ସବ 'ଯଯାତି' ପାଇଁ ପ୍ରସ୍ତୁତି ସମ୍ବନ୍ଧୀୟ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ପ୍ରେସ୍ ମିଟରେ ଯୋଗଦେଇ ଜିଲ୍ଲା ମହୋତ୍ସବ

## ୧୮ରେ ପଥ ଉତ୍ସବ ଓ ବୈତରଣୀ ଆଳତି

ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ମାର୍ଚ୍ଚ ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଶାସନିକ ଭବନ ପଡ଼ିଆଠାରେ ଜିଲ୍ଲା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ସ୍ଥାନୀୟ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲୋକନୃତ୍ୟ ପରିବେଷଣ ହେବ। ରାଜ୍ୟ ବାହାରୁ ମଧ୍ୟ ପ୍ରତିଭାବାନ କଳାକାର ଯଯାତିକୁ ଆସିବା ନେଇ ଯୋଜନା ରହିଛି। ପାଞ୍ଚ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବେ। ଇତିମଧ୍ୟରେ ଅର୍ଥନୀତି, ସାହିତ୍ୟ ଓ ଐତିହ୍ୟକୁ ନେଇ ଆଲୋଚନାଚକ୍ର ଆୟୋଜିତ ହୋଇସାରିଛି। ଏହାସହ ମହୋତ୍ସବ ପୂର୍ବରୁ ଆସନ୍ତା ୧୮ ତାରିଖ ସକାଳେ 'ପଥ ଉତ୍ସବ' ଆୟୋଜିତ ହେବ। ରାଜପଥରେ ସ୍ପୋର୍ଟସ, ଜୁମ୍ବା, ନୃତ୍ୟ ସଙ୍ଗୀତ ପରିବେଷଣ, ରଙ୍ଗୋଲି, ପାରମ୍ପରିକ କଳା ପ୍ରଦର୍ଶିତ ହେବ। ଯାଜପୁରର ଆଧାତ୍ମିକ ପରିବେଶକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୮ ରୁ ୨୦ ତାରିଖ ଯାଏଁ ପ୍ରତ୍ୟୁଷରେ ଗଙ୍ଗା ଆଳତି ଢାଞ୍ଚାରେ ଦଶାଶ୍ୱମେଧ ଘାଟରେ ବୈତରଣୀ ଆଳତି ଅନୁଷ୍ଠିତ ହେବ। ସ୍ଥାନୀୟ ଉତ୍ପାଦର ପ୍ରସାର ଏବଂ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ଆଧାରରେ ମହୋତ୍ସବ ପରିସରରେ ସୁଭଦ୍ରା ଶକ୍ତି ମେଳା ଏବଂ ପଲ୍ଲିଶ୍ରୀ ଓ ହସ୍ତତନ୍ତ ମେଳା ଆୟୋଜିତ ହେବ। ଏଥିରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ୍ ରହିବ। ଏହାସହ ପାରମ୍ପରିକ ତଥା ଆଧୁନିକ ଖାଦ୍ୟ ଷ୍ଟଲ୍ ପାଇଁ ଫୁଡ୍ କୋର୍ଟ ମଧ୍ୟ ରହିବ। ଜିଲ୍ଲା ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନଶକ୍ତି ସୀତାଂଶୁ ଶେଖର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଏବଂ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ସକାଳ THE SAKALA



## ନିଶାସକ୍ତ ଯୁବକର ଉନ୍ମତ୍ତକାଣ୍ଡ

# ଟାଙ୍ଗିଆରେ ପୁଲିସକୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

ଦଶରଥପୁର,୧୨।୩(ସମିସ)



ଦଶରଥପୁର ଥାନା ଚମ୍ପେଇପାଳ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ହାତରେ ଟାଙ୍ଗିଆ ଧରି ଗାଁ ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିବା ଦଶରଥପୁର ଥାନା ପୁଲିସକୁ ଆକ୍ରମଣ କରି ଲହୁଲୁହାଣ କରିବା ସହିତ ପୁଲିସ ଗାଡ଼ିକୁ ବାଡେଇ ଭାଙ୍ଗି ଦେଇଛି। ବହୁ ଉଦ୍ୟମ ପରେ ପୁଲିସ ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗତକାଲି ବିଳମ୍ବିତ ରାତିରେ ଦଶରଥପୁର ଥାନା ଚମ୍ପେଇପାଳ ଗ୍ରାମର ବଦ୍ରିନାରାୟଣ ବେହୁରିଆଙ୍କ ପୁଅ ସୁଜିତ କୁମାର ବେହୁରିଆ ଓରଫ କୁନିପୁଅ(୩୮) ନିଶାସକ୍ତ ଅବସ୍ଥାରେ ହାତରେ ଧାରୁଆ ଟାଙ୍ଗିଆ ଧରି ଗାଁ ରାସ୍ତାରେ ଯାହାକୁ ଦେଖୁଥିଲା ଆକ୍ରମଣ କରିବାକୁ ଗୋଡ଼ାଇଥିଲା। ଫଳରେ ଗାଁ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଦୀର୍ଘ ୨ଘଣ୍ଟା ପର୍ଯ୍ୟନ୍ତ ଗାଁରେ ସ୍ଥିତି ଅଣାୟତ୍ତ ହୋଇପଡ଼ିବା ଦେଖି ତୁରନ୍ତ ଜରୁରିକାଳୀନ ନମ୍ବର ୧୧୨କୁ ଜଣାଇଥିଲେ। ଦଶରଥପୁର ଥାନାର ଏସ୍‌ଆଇ ସୁଧାଂଶୁ ଶେଖର ପାତ୍ର ସଦଳବଳ ଚମ୍ପେଇପାଳରେ ପହଞ୍ଚିବା ପରେ କୁନିପୁଅ ପୁଲିସ ଗାଡ଼ି ଉପରେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। କୁନିପୁଅ ପୁଲିସ ଗାଡ଼ିକୁ ଟାଙ୍ଗିଆରେ ଭାଙ୍ଗି ଚାଲିଥିବା ବେଳେ ଏସ୍‌ଆଇ ସୁଧାଂଶୁ ଶେଖର ପାତ୍ର ଓ ଅନ୍ୟ କିଛି ପୁଲିସ କର୍ମଚାରୀ ତାକୁ ଅଟକାଇବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଆକ୍ରମଣରେ ୨ଜଣ ପୁଲିସ କର୍ମଚାରୀ ଆହତ ହୋଇଥିବାବେଳେ ଏସ୍‌ଆଇ ସୁଧାଂଶୁ ଶେଖର ପାତ୍ରଙ୍କୁ କାମୁଡ଼ି ଆହତ କରିଥିଲା। ବହୁ ଉଦ୍ୟମ ପରେ ପୁଲିସ କୁନିପୁଅ ହାତରୁ ଧାରୁଆ ଟାଙ୍ଗିଆ ଜବତ କରିବାକୁ ସକ୍ଷମ ହେବା ସହିତ ତାକୁ କାବୁକରି ଥାନାକୁ ଆଣିବା ପରେ ଗାଁରେ ସୃଷ୍ଟି ହୋଇଥିବା ସ୍ଥିତି ଆୟତ୍ତ ହୋଇଥିଲା। ଆଜି ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭିଯୁକ୍ତ କୁନିପୁଅର ସ୍ୱାସ୍ଥ୍ୟ ପରୀକ୍ଷା କରାଇ କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ଅଗ୍ନିକାଣ୍ଡରେ ତିନି ବଖରା ଜଳିଗଲା



**ବିଞ୍ଝାରପୁର,୧୨।୩ (ସମିସ):** ବିଞ୍ଝାରପୁର ବ୍ଲକ୍ ଘଣ୍ଟିଆଳି ଗ୍ରାମ ପଞ୍ଚାୟତ ଲେଙ୍କାସାହି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତିନି ବଖରା ଘର ସହ ଗୁହାଳ ଓ ଗୋଟିଏ ଛଣଗଦା ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଘରୋଇ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଲେଙ୍କାସାହି ଗ୍ରାମର ଦୀପକ ଧଳଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ତୀବ୍ର ଥିଲା ଯେ ଚାହୁଁ ଚାହୁଁ ଚାରିଦିଗକୁ ନିଆଁ ବ୍ୟାପିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ନିଆଁ ନିୟନ୍ତ୍ରଣ ପାଇଁ ପ୍ରୟାସ କରିଥିଲେ। ଖବର ପାଇ ବିଞ୍ଝାରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ପ୍ରୟାସ କରି ନିଆଁକୁ ନିୟନ୍ତ୍ରଣ କରିଥିଲେ। କିନ୍ତୁ ସେବେଳକୁ ଦୀପକ ଧଳଙ୍କ ତିନି ବଖରା ଘର, ଗୁହାଳ, ଛଣଗଦା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଥିଲା। ଅଗ୍ନି ବିପନ୍ନ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର ସ୍ଥାନାନ୍ତର ନେଇ ବିଧାୟକଙ୍କୁ ଦାବିପତ୍ର



**ବଡ଼ଚଣା,୧୨।୩(ସମିସ):** ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମହାବିନାୟକ (ଭୁଷଣ୍ଡପୁର) ଠାରେ ପ୍ରତିଷ୍ଠିତ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର ଯାଜପୁରକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଛି। ଯାହାକୁ ବିରୋଧ କରି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ, ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ଓ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ପରିବହନ କମିଶନରଙ୍କ ସୂଚନା ଅନୁସାରେ ଏଠାରେ ସ୍ୱୟଂ ଚାଳିତ ପରୀକ୍ଷଣ କେନ୍ଦ୍ର ପାଇଁ ଆବଶ୍ୟକ ହେଉଥିବା ୪ ଏକର ଜମି ନ ଥିବା ଏବଂ ଆବଶ୍ୟକ ଜମି ଯୋଗାଇ ଦେବାରେ ବହୁ ବିଳମ୍ବ ହେବାରୁ ଏହାକୁ ଯାଜପୁରକୁ ସ୍ଥାନାନ୍ତର ନିଷ୍ପତ୍ତି ନିଆଯାଇଛି। ଫଳରେ ଚଣ୍ଡିଖୋଲ ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଥିବା ସ୍ଥାନ ଜବରଦଖଲ ଉଚ୍ଛେଦ ହେଲାପରେ ସେଠାରେ ପର୍ଯ୍ୟାପ୍ତ ପରିମାଣରେ ସ୍ଥାନ ମିଳିବ। ଏଠାରେ ନୂତନ ସ୍ୱୟଂଚାଳିତ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେଲେ ଚଣ୍ଡିଖୋଲ ଗାଡ଼ି ମାଲିକ ମାନେ ଦୂରତା ଓ ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ। ପ୍ରକାଶ ଥାଉକି ଚଣ୍ଡିଖୋଲସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରାଜ୍ୟରେ ରାଜସ୍ୱ ଆଦାୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ୨୦୨୪/୨୫ ଆର୍ଥିକ ବର୍ଷରେ ୧୦ହଜାର ୪୬୨, ଓ ୨୦୨୫/୨୬ ଫେବୃଆରୀ ସୁଦ୍ଧା ଏହି ୧୧ହଜାର ୧୭୨ଟି ଗାଡ଼ି ଫିଟନେସ ପ୍ରମାଣ ପତ୍ର ପ୍ରଦାନ କରି ରେକର୍ଡ ସୃଷ୍ଟି କରିଛି। ଏହାକୁ ଆଖି ଆଗରେ ରଖି ଚଣ୍ଡିଖୋଲ ଗାଡ଼ି ମାଲିକମାନେ ସ୍ୱୟଂଚାଳିତ ପ୍ରଶିକ୍ଷଣ କେନ୍ଦ୍ର ଏଠାରେ ରଖିବା ପାଇଁ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରକୁ ଗ୍ରହଣ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲେଚନା କରି ଏହାର ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ଘରୋଇ ବସ ମାଲିକ ସଂଘ ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସମ୍ପାଦକ ଅମିତ୍ କୁମାର ସାହୁ, ସନ୍ତୋଷ କୁମାର ରାଉତ, ସୁକାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ଜେନା, ଦୀପକ କୁମାର ମିଶ୍ର, ନୃସିଂହ ନାରାୟଣ ଓଟା, ଅକ୍ଷୟ କୁମାର ସ୍ୱାଇଁ, ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦଳ ଗାଁ ରେ ଭାଲୁ, ଗ୍ରାମବାସୀ ଭୟଭୀତ

**କବାଟବନ୍ଧ,୧୨।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଦଳଗାଁ ଗ୍ରାମରେ ପୁଣି ଭାଲୁ ଆତଙ୍କ ସୃଷ୍ଟି କରିଛି। ବୁଧବାର ରାତିରେ ଗ୍ରାମବାସୀ ମାନେ ଗ୍ରାମରେ ଏକ ଭାଲୁ ଦେଖିବାକୁ ପାଇଥିଲେ। ଏହା ପରେ ଲୋକ ମାନେ ଭୟଭୀତ ହେବା ସହିତ ବାରମ୍ବାର ଗାଁ କୁ ଭାଲୁ ପ୍ରବେଶ ପରେ ନିଜ ନିଜର ସୁରକ୍ଷା ପାଇଁ ଚିନ୍ତାରେ ରହିଛନ୍ତି। କଟକ ବନଖଣ୍ଡ ବୈରୀ ଡାଳି ଯୋଡ଼ା ରେଞ୍ଜ ଅଧିନ ଗଡ଼ମଧୁପୁର ସେକ୍ସନ ଅଧିନ ଏହି ଗାଁ କୁ ଗତ ସେପ୍ଟେମ୍ବର ମାସ ୧୪ ତାରିଖରେ ଏକ ଭାଲୁ ପ୍ରବେଶ କରିବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଏହି ବନାଞ୍ଚଳ ଅଧୀନ ବଳରାମପୁର ଉପରଗଡ଼, ତାଳଜଙ୍ଗ, ରେଖିଦେଇପୁର, ଜେନାପୁର ସମେତ ବିଭିନ୍ନ ଅଞ୍ଚଳରେ ଭାଲୁ ଦେଖିବାକୁ ମିଳିଛି। ଏହା ସହିତ ଏହି ଅଞ୍ଚଳରେ ଅନେକ ସ୍ଥାନରେ ଜଙ୍ଗଲୀ ବାର୍ହା ଏବଂ ଭାଲୁ ଆକ୍ରମଣରେ ଅନେକ ଲୋକ ମୃତାହତ ହୋଇଛନ୍ତି। ତେଣୁ ସ୍ଥାନୀୟ ଅଞ୍ଚଳରେ ଜନବସତି କୁ ବନ୍ୟ ଜନ୍ତୁ ପ୍ରବେଶ ନେଇ ବନ ବିଭାଗ ପକ୍ଷରୁ ସତର୍କ ସୂଚନା ଏବଂ ଲୋକମାନଙ୍କୁ ସଚେତନ କରିବାକୁ ଦାବି ହୋଇଛି।

## ଏନ୍‌ସି କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଯାଜପୁର ଟାଉନ,୧୨।୩(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଯାଜପୁର ବ୍ଲକ୍ ନିକଟରେ ଥିବା ଏନ୍‌ସି (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ +୩ ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଆଠଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ରଞ୍ଜନ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଛାତ୍ରୀଙ୍କୁ ଆତ୍ମବିଶ୍ୱାସ ଓ ସାହସ ସହିତ ସମାଜରେ ଆଗେଇବା ପାଇଁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡା. ଲୋପାମୁଦ୍ରା ଦାଶ ଆତ୍ମରକ୍ଷା ଶିବିରର ପ୍ରାସଙ୍ଗିକତା ଓ ଛାତ୍ରୀମାନଙ୍କ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ରୂପେ ଯାଜପୁର ମହାରାଜା ଯଯାତି କେଶରୀ ମେଡିକାଲ କଲେଜର ମାନସିକ ବିଭାଗର ମୁଖ୍ୟ ଡାକ୍ତର ଡା. ସୀମା ପରିଡ଼ା ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସହ ମାନସିକ ଚାପ ଓ ଚିନ୍ତାରୁ ମୁକ୍ତି ପାଇବାର ଉପାୟ ବିଷୟରେ ମାର୍ଗଦର୍ଶନ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ, ଆଲୁମିନିର ସଦସ୍ୟା ଓ ଅଙ୍ଗନବାଡ଼ି କର୍ମୀ ରଞ୍ଜିତା ସ୍ୱାଇଁ ମହିଳା ସୁରକ୍ଷା ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। ଆତ୍ମରକ୍ଷା ପ୍ରଶିକ୍ଷଣକୁ ଦକ୍ଷ ପ୍ରଶିକ୍ଷିକା ଭାଗ୍ୟଶ୍ରୀ ମହାପାତ୍ର ଓ ସୁନୀତା ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଲ୍ଫ ଡିଫେନ୍ସ କମିଟିର ସଦସ୍ୟାମାନେ ଡା. ରଞ୍ଜିତା ନାୟକ, ପ୍ରଫେସର ଉଷାରାଣୀ ସେଠୀ, ଡା. ନିଭା ନାୟକ, ଡା. ପ୍ରୀତିଶ୍ରୀରଞ୍ଜନ, ଡା. ସ୍ୱାଗତିକା ମହାନ୍ତି, ଡା. ସଞ୍ଜିତା ଅଭିଜିତା ଓ ଡା. ପ୍ରିୟଦର୍ଶିନୀ ରଥ ସହଯୋଗ କରିଥିଲେ। ଛାତ୍ରୀ ପ୍ରତିନିଧି ରୂପେ ଅନସୂୟା ସେଠୀ, ସ୍ମିତି ସଂଜୀବନୀ ମଲ୍ଲିକ ଓ ଜିଜ୍ଞାସା ଜ୍ୟୋତି ରାଉତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡା. ଶ୍ରାବଣୀ ଅଳ୍ପନା ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକ ବୃନ୍ଦ ଯୋଗ ଦେଇଥିଲେ।

## ୧୩ରୁ ରାଜ୍ୟସ୍ତରୀୟ ବାସ୍କେଟବଲ୍ ପ୍ରତିଯୋଗିତା




**ଯାଜପୁର,୧୨।୩(ସମିସ):** ଜିଲ୍ଲା ପ୍ରଶାସନ କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜୁନିଅର ବାଳକ ଓ ବାଳିକା ବାସ୍କେଟବଲ୍ ପ୍ରତିଯୋଗିତା ୨୦୨୬ ଆସନ୍ତା ୧୩ ତାରିଖରୁ ଆୟୋଜିତ ହେବ। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଇନ୍‌ଡୋର୍ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ ବାସ୍କେଟବଲ୍ ପ୍ରତିଯୋଗିତା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ପ୍ରତିଯୋଗାତି ୧୫ ତାରିଖ ଯାଏଁ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୬ଟି ପୁରୁଷ ଦଳ ଏବଂ ୪ଟି ମହିଳା ଦଳ ଅଂଶଗ୍ରହଣ କରିବେ। ୧୩ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନୀ ମ୍ୟାଚ୍ ଏବଂ ୧୫ ତାରିଖ ସନ୍ଧ୍ୟାରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବ୍ରହ୍ମପୁର, ପୁରୀ, କଟକ, ଭୁବନେଶ୍ୱର, ଭଦ୍ରକରୁ ଆସିଥିବା ଟିମ୍ ଏହି କ୍ରୀଡ଼ାରେ ଭାଗ ନେବେ। ପ୍ରଶାସନ ପକ୍ଷରୁ ଇନ୍‌ଡୋର୍ ଷ୍ଟାଡିୟମଠାରେ ଖେଳାଳିଙ୍କ ରହଣି ସୁବିଧା କରାଯାଇଛି। ଖେଳାଳିଙ୍କ ଗମନାଗମନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ହକି ଷ୍ଟାଡିୟମ କମ୍ପ୍ଲେକ୍ସରେ ପ୍ରତିଯୋଗିତାରେ ନିୟୋଜିତ ଅଧିକାରୀ ଏବଂ ଅଫିସିଆଲଙ୍କ ରହଣି ପାଇଁ ଆୟୋଜନ କରାଯାଇଛି। ମୋଟ ୧୨୦ ଜଣ ଖେଳାଳି ଏଥିରେ ଭାଗ ନେଉଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଯାଜପୁର ଶିକ୍ଷା ବିଭାଗରେ ଘୋଟାଲା ପ୍ରସଙ୍ଗ | ଦୁଇଜଣଙ୍କୁ ବଦଳି, ଦରମା ବନ୍ଦ

**ଯାଜପୁର,୧୨।୩(ସମିସ):** ଯାଜପୁର ଜିଲ୍ଲା କୋରେଇ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମୃତ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଚାକିରିରେ ଥିବା ଦର୍ଶାଇ ପାଖାପାଖି ୫ କୋଟି ଟଙ୍କା ହଡ଼ପ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ବିଭାଗ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଭଳି ବଡ଼ଧରଣର ଆର୍ଥିକ ହଡ଼ପ ହୋଇଥିବା ନେଇ ସ୍ପେଶାଲ ଅଡିଟ୍ ରିପୋର୍ଟରେ ଜଣାପଡ଼ିବା ପରେ ମଧ୍ୟ ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷା ଅଧିକାରୀ ହାତ ଗଣତି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିନ୍ତୁ ବାସ୍ତବରେ ଏଭଳି ଆର୍ଥିକ ହେରଫେର ମାମଲାରେ କୋରେଇ ବିଇଓଙ୍କ ଠାରୁ ଉପରିସ୍ଥ ଅଧିକାରୀଙ୍କ ଭୂମିକା ରହିଥିଲେ ହେଁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବଡ଼ବଡ଼ିଆ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ଯାଇ ତଳିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଦୁଇ ଜଣ ଜୁନିଅର ଆସିଷ୍ଟାଣ୍ଟ ବିଷ୍ଣୁ ଦାଶ ଓ ରାମଚନ୍ଦ୍ର ସାହୁଙ୍କୁ ତୁରନ୍ତ ବଦଳି କରାଯାଇଛି। ଏପରିକି ସେମାନଙ୍କର ଦରମା ବନ୍ଦ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଆର୍ଥିକ ଅନିୟମିତତାର ମାଷ୍ଟର ମାଇଣ୍ଡ ପୂର୍ବକୋଟ ଯୁଜିଏମଇ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତଙ୍କ ସମେତ ତାଙ୍କ ପୁଅ ଓ ତାଙ୍କ ପତ୍ନୀଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାରେ ବର୍ତ୍ତମାନର କୋରେଇ ବ୍ଲକ୍ ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଚାର୍ଜ ଫ୍ରେମ କରାଯାଇଥିବା ଜିଲ୍ଲାଶିକ୍ଷାଧିକାରୀ ମହେଶ୍ୱର ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ସମସ୍ତ ଦୋଷୀଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭିଜିଲାନ୍ସ ବିଭାଗକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହାସହ ପ୍ରଦୀପ ମହାନ୍ତିଙ୍କ ପୁଅ ମାତୃପ୍ରସାଦ ମହାନ୍ତି ଓ ପତ୍ନୀ ଗୀତାରାଣୀ ମହାନ୍ତିଙ୍କୁ ମଧ୍ୟ ଭିଜିଲାନ୍ସ ଜେରା କରିବା ସହିତ ହଡପ ହୋଇଥିବା ଟଙ୍କା କେଉଁଠି ଓ କିପରି ଖର୍ଚ୍ଚ ହୋଇଛି ସେ ନେଇ ପଚାରାଉଚରା କରିବ ବୋଲି ଜଣାପଡ଼ିଛି।

**ବଡ଼ବଡ଼ିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ**

## ଦୁର୍ଘଟଣାରେ ଗୁରୁତର ବ୍ୟବସାୟୀଙ୍କ ପରଲୋକ

**ବରୁଆଁ,୧୨।୩(ସମିସ):** ଯାଜପୁର ସଦର ଥାନା କବିରପୁର ଗ୍ରାମର ଅମିୟ କୁମାର ବଳ (୫୨) ଗତ ୧୭ ଅକ୍ଟୋବରରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ସେ ଗୁରୁତର ହୋଇ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ଅମିୟଙ୍କ ପରଲୋକ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଖବର ପାଇ ଗଜି ପାଢ଼ୀ ଛକର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଅମିୟ ଜଣେ ଅତ୍ୟନ୍ତ ମେଳାପି ବ୍ୟକ୍ତି ଥିଲେ। ସେ ଏକ ଚା' ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ସୂଚନାଯୋଗ୍ୟ, ୧୬ ନମ୍ବର ଜାତୀୟ ରାଜପଥର କୁଆଖିଆ ବଜାର ନିକଟରେ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଏକ ମାଲ୍ ବୋଝେଇ ଟ୍ରକ୍ ତାଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଅମିୟ ଗୁରୁତର ହୋଇଥିଲେ।

## ନାବାଳିକା ଅସଦାଚରଣ ମାମଲା | ଅଭିଯୁକ୍ତକୁ ୩ ବର୍ଷ କାରାଦଣ୍ଡ

**ଯାଜପୁର,୧୨।୩ (ସମିସ):** ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଶରତ କୁମାର ଦେହୁରୀ ଅଭିଯୁକ୍ତକୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୬ ମସିହାରେ ବଡ଼ଚଣା ଥାନା ଅଖନ ଗୁଇଁ(୩୫) ବିଲରେ ଜନୈକା ୬ବର୍ଷୀୟା ନାବାଳିକା ଖେଳୁଥିବା ସମୟରେ ଅସଦାଚରଣ କରୁଥିବା ସମୟରେ ଅନ୍ୟମାନେ ଦୌଡ଼ି ଆସିବାରୁ ନାବାଳିକାକୁ କିଆଁବୁଦାରେ ଠେଲି ଦେଇ ପଳାଇ ଯାଇଥିଲା। ଏ ନେଇ ନାବାଳିକାର ପରିବାର ଲୋକେ ବଡ଼ଚଣା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନଂ.୩୨୯/୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଖନକୁ କୋର୍ଟ ଚାଲାଣ କରିଥିଲା। ଗତ ୧୦ ତାରିଖ ଦିନ ଏହି ମାମଲାଟିକୁ ଅତିରିକ୍ତ ଜିଲା ଓ ଦୌରା ଜଜ୍ ଶରତ କୁମାର ଦେହୁରୀ ୮ ଜଣ ସାକ୍ଷୀଙ୍କ ବୟାନ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ଅଖନକୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୩ ହଜାର ଟଙ୍କା ଜରିମାନା ଅନାଦେୟ ୩ମାସ ଅଧିକ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଅଲିପ୍ ନାୟକ ପରିଚାଳନା କରିଥିଲେ।

## ଶୋଚନୀୟ ଅବସ୍ଥାରେ ଦକ୍ଷିଣକୂଳ ଗଡ଼ଜତ ରାସ୍ତା

**ବଡ଼ଚଣା,୧୨।୩(ସମିସ):** ବଡ଼ଚଣା ବ୍ଲକ୍ ଅଣକା ଗ୍ରାମପଞ୍ଚାୟତ ଦକ୍ଷିଣକୂଳଠାରୁ ଗଡ଼ଜିତକୁ ସଂଯୋଗ କରୁଥିବା ମୁଖ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ଦୀର୍ଘଦିନ ଧରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ହେବା ସହ ପିଚୁ ଉଠି ଯାଇ ଯାତାୟାତ କଷ୍ଟକର ହୋଇପଡ଼ିଛି। ଏହି ରାସ୍ତାରେ ପ୍ରତିଦିନ ବହୁ ଲୋକ, ଛାତ୍ରଛାତ୍ରୀ ଯା'ଆସ କରିଥାନ୍ତି। ରାସ୍ତାଟି ଉପରେ ବିରୂପା ଗେଙ୍ଗୁଟି ଦୀପାଞ୍ଚଳର ୬ଟି ପଞ୍ଚାୟତର ଲୋକେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବିଶେଷକରି ବିରୂପା ଗେଙ୍ଗୁଟି ଦୀପାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖଡିଅଙ୍ଗକୁ ଏହା ଏକମାତ୍ର ରାସ୍ତା। ଆମ୍ବୁଲାନ୍ସ ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ବିଶେଷକରି ଛାତ୍ରଛାତ୍ରୀ ଓ ଦୈନିକ କାମ ପାଇଁ ଯାଉଥିବା ଲୋକମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ବହୁତ କଷ୍ଟ ସହିବାକୁ ପଡୁଛି। ସ୍ଥାନୀୟ ବାସିନ୍ଦାମାନଙ୍କ କହିବା ଅନୁସାରେ, ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଶୀଘ୍ର ଏହି ରାସ୍ତାର ମରାମତି କାମ ଆରମ୍ଭ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ଡେପୁଟେସନ ବାତିଲ ଦାବି

**ମଙ୍ଗଳପୁର/କୟାଁଗୋଲା, ୧୨।୩(ସମିସ):** ଦଶରଥପୁର ବ୍ଲକ୍ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ତିଙ୍କୁ କିଛିଦିନ ହେବ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୬ ଦିନିଆ (ଫୁଲ ଟାଇମ ) ଡେପୁଟେସନରେ ବ୍ଲକର ବାଘୁଆଶୁଣି ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ପ୍ରଧାନ ଶିକ୍ଷକଙ୍କ ଡେପୁଟେସନ ବାତିଲ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ପ୍ରଧାନଶିକ୍ଷକଙ୍କ ବଦଳରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ପ୍ରଧାନଶିକ୍ଷକ ଶ୍ରୀ କାଣ୍ତି ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ଯାଇଥିଲେ ମଧ୍ୟ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିବା ସହ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖା ଦେଇଛି। ତାଙ୍କୁ ବଦଳି କରାନଯାଇ ଡେପୁଟେସନ କରାଯାଇ ଥିବାରୁ ଏହି ଜୟଚଣ୍ଡୀ ହାଇସ୍କୁଲରେ ଶିକ୍ଷକ ପଦବୀ ପୂର୍ଣ୍ଣ ଥିବା ନେଇ କାଗଜପତ୍ର କହୁଥିବା ବେଳେ ବାସ୍ତବରେ କିନ୍ତୁ ପ୍ରଧାନ ଶିକ୍ଷକ ଶ୍ରୀ କାଣ୍ତି ଅନ୍ୟସ୍ଥାନରେ କାର୍ଯ୍ୟ କରୁଛନ୍ତି। ତୁରନ୍ତ ଏହି ଡେପୁଟେସନ ବାତିଲ କରିବାକୁ ଦାବି ହୋଇଛି। ଯଦି ଦାବି ପୂରଣ ନହୁଏ, ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଲକ୍ଷ୍ମୀ ବସ୍‌କୁ ଧକ୍କାଦେଲା ବାଲି ବୋଝେଇ ହାଇୱା

ବରୁଆଁ,୧୨।୩(ସମିସ)



କୁଆଖିଆ-ସାତଭାୟା ୨୦ ନମ୍ବର ଜାତୀୟ ରାଜପଥର ଖରସ୍ରୋତା ପୋଲ ଉପରେ ଯାତ୍ରୀବାହୀ ଲକ୍ଷ୍ମୀ ବସ୍ ସହ ବାଲି ବୋଝେଇ ହାଇୱା ଧକ୍କା ହୋଇଛି। ଫଳରେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯାଜପୁର ଟାଉନ୍‌ରୁ ଲକ୍ଷ୍ମୀ ବସ୍ ବରୁଆଁ ଅଭିମୁଖେ ଯାଉଥିବା ସମୟରେ ସମ୍ମୁଖ ଦିଗରୁ ଏକ ବାଲି ବୋଝେଇ ହାଇୱା ଆସି ଧକ୍କା ଦେଇଥିଲା। ବସ୍ ମଧ୍ୟରେ ଥିବା ଯାତ୍ରୀମାନଙ୍କର ବିଶେଷ କ୍ଷତି ହୋଇନଥିବା ବେଳେ ବସ୍ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା ଫଳରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଥାନାକୁ ନେଇ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଯେ ଏହି ବ୍ୟସ୍ତ ବହୁଳ ରାସ୍ତା ଦେଇ ଦୈନିକ ବେଆଇନ୍ ତଥା ଆବଶ୍ୟକତା ଠାରୁ ଅଧିକ ପରିମାଣର ବାଲି ବୋଝେଇ କରି ଦୃତ ଗତିରେ ଯିବା ଆସିବା କରିବା ଦ୍ୱାରା ବହୁ ଦୁର୍ଘଟଣା ଘଟୁଛି ଓ ବହୁ ମୂଲ୍ୟବାନ ଧନ ଜୀବନ ଯାଉଛି। ଜିଲ୍ଲା ପ୍ରଶାସନ ସବୁ ଜାଣି ଅଜଣା ଭଳି ଏ ସବୁକୁ ଦେଖି ଆଖି ବୁଜି ଦେଉଛି। ବରୁଆଁ ଠାରୁ ଯାଜପୁର ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଯାନ ବାହନ ଚଳାଚଳ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

